# ଓଡ଼ିଶା ବିଧାନସଭା

## ପଞ୍ଚମ ଅଧିବେଶନ

## ମୌଖିକ ଉତ୍ତର ନିମନ୍ତେ ପ୍ରଶ୍ନାବଳୀ

## ୯ ଡିସେମ୍ବର, ୨୦୨୫

----

[ପଞ୍ଚାୟତିରାଜ ଓ ପାନୀୟ ଜଳ - ଗୃହ ନିର୍ମାଣ ଓ ନଗର ଉନ୍ନୟନ - ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ - ଗ୍ରାମ୍ୟ ଉନ୍ନୟନ - ସରକାରୀ ଉଦ୍ୟୋଗ - ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା ].

ମୋଟ ପ୍ରଶ୍ନର ସଂଖ୍ୟା 31

----

### ପର୍ଯ୍ୟଟନ ସ୍ଥଳୀର ଭିତ୍ତିଭୂମିର ବିକାଶ

*255 ଶ୍ରୀ ଉମା ଚରଣ ମଲ୍ଲିକ (ଫୁଲବାଣୀ)ଃ

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ପାଇଥିବା ଫୁଲବାଣୀ ନିକଟ ପୁତୁଡି ଜଳପ୍ରପାତକୁ ଯିବା ପାଇଁ ଥିବା ରାସ୍ତାଟି ସଂପୂର୍ଣ୍ଣ ନଷ୍ଟ ହେବା ସହ ଜଳପ୍ରପାତରେ କମ ଓସାରର ୨୦/୩୦ ଫୁଟରୁ ବହୁତ ଖାଲ ଥିବାରୁ ଏଠି ଅଧିକାଂଶ ସମୟରେ ଦୁର୍ଘଟଣା ଘଟୁଛି ଏହି ପର୍ଯ୍ୟଟନ ସ୍ଥଳୀର ଭିତ୍ତିଭୂମିର ବିକାଶ ପାଇଁ କୌଣସି ପଦକ୍ଷେପ ଗ୍ରହଣ କରିବେ କି ?

----

### ନିର୍ମାଣଧିନ Mega Water Supply କାର୍ଯ୍ୟକ୍ରମ

*301 ଶ୍ରୀ ସାରଦା ପ୍ରସନ୍ନ ଜେନା (ବାଲିକୁଦ-ଏରସମା)ଃ

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକରେ ସ୍ଥାପିତ ହେଉଥିବା Mega Pipe Water Supply Project କେବେ ସୁଦ୍ଧା ସମ୍ପୂର୍ଣ୍ଣ ହୋଇ କାର୍ଯ୍ୟକ୍ଷମ ହେବା ପାଇଁ ସମୟ ଧାର୍ଯ୍ୟ ହୋଇଥିଲା, ଏବଂ ପ୍ରକୃତରେ କେବେ କାର୍ଯ୍ୟକ୍ଷମ ହୋଇ ଜନସାଧାରଣଙ୍କୁ ପାନୀୟ ଜଳ ଯୋଗାଇ ଦେବା ପାଇଁ ବିଭାଗ ତରଫରୁ ସମୟ ଧାର୍ଯ୍ୟ ହୋଇଛି ଏବଂ ଏହି ଡ଼େରି ପାଇଁ ଉକ୍ତ ସଂସ୍ଥା ବିରୁଦ୍ଧରେ କି ପଦକ୍ଷେପ ନିଆଯାଇଛି ?

----

## ଭୁବନେଶ୍ୱର ସହରରେ Water Logging ସମସ୍ୟା ସମାଧାନ

***302 ଶ୍ରୀ ବାବୁ ସିଂ ( ଏକାମ୍ର-ଭୁବନେଶ୍ୱର):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଭୁବନେଶ୍ୱରରେ water logging ସମସ୍ୟାର ସମାଧାନ ପାଇଁ ସରକାରଙ୍କର ସ୍ଥାୟୀ ପଦକ୍ଷେପ ନେଇଛନ୍ତି କି, ଏହା ଉପରେ ସରକାରଙ୍କର ସ୍ୱଷ୍ଟ ନୀତି କ'ଣ ଅଛି ?

----

## ନୂତନ ଜଙ୍ଗଲ ସୃଷ୍ଟି

***303 ଶ୍ରୀ ସୁଧିର ରଂଜନ ପଟ୍ଟଯୋଷୀ (ଧର୍ମଗଡ଼):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କଳାହାଣ୍ଡି ଜିଲ୍ଲାରେ ବର୍ତ୍ତମାନ କେତେ ହେକ୍ଟର ଜମିରେ ଜଙ୍ଗଲ ଅଛି କେତେ ଜଙ୍ଗଲ ବିଭିନ୍ନ ଖଣିଖାଦାନ ପାଇଁ ଓ ଶିଳ୍ପ କାରଖାନା ପ୍ରତିଷ୍ଠା ପାଇଁ ହେଉ ବା ରାସ୍ତା ନିର୍ମାଣ ପାଇଁ ହେଉ ଗତ 3 ବର୍ଷ ଭିତରେ ନଷ୍ଟ ହେଲାଣି, କେତେ ଗଛ କଟା ସରିଲାଣି ଉକ୍ତ ଅବଧି ଭିତରେ କେତେ ଜଙ୍ଗଲ ଓ ଗଛ ନିଆଁଲାଗି ପୋଡିସାରିଲାଣି, ଏହାର ପ୍ରତିବଦଳରେ ସରକାର ଏହି 3 ବର୍ଷ ଭିତରେ କେତେ ଗଛ, କେଉଁ କେଉଁ ଗଛ କେଉଁ ସବୁସ୍ଥାନରେ ଲଗାଇଛନ୍ତି ଓ ସେବାବଦକୁ କେତେ ଅର୍ଥ କେଉଁ କେଉଁ ଫଣ୍ଡରୁ ଆଣିଛନ୍ତି କେତେ ନୂତନ ଜଙ୍ଗଲ ସୃଷ୍ଟି କରିଛନ୍ତି ?

----

## ଗମନା ଗମନ ନିମନ୍ତେ ସ୍ଥାୟୀ ରାସ୍ତା ନିର୍ମାଣ

***304 ଶ୍ରୀ ଜୟ ଢୋଲକିଆ (ନୂଆପଡ଼ା):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ନୂଆପଡା ଜିଲ୍ଲାର କୁମନା ବ୍ଲକରେ ସୁନାବେଢା ଗ୍ରା.ପ. ଅବସ୍ଥିତ, ପାହାଡ ଏବଂ ଜଙ୍ଗଲ ବହୁଳ ଦୁର୍ଗମ ଅଞ୍ଚଳ ସୁନାବେଢାକୁ ଗମନାଗମନ ନିମନ୍ତେ କୌଣସି ସ୍ଥାୟୀ ରାସ୍ତା ନଥିବାରୁ ସୁନାବେଢାର ସୁନାଦେଇ ମନ୍ଦିର ପର୍ଯ୍ୟଟନ ସ୍ଥଳିକୁ କୌଣସି ପର୍ଯ୍ୟଟକ ଯାଇପାରୁନାହାନ୍ତି, ବିଜୁ express ରୁ ବଙ୍ଗା ଘାଟି ଦେଇ କେରମେଲି, ସିଆଲଟି, ମାଛାପାଲି, ସୋସେଙ୍ଗ ପଞ୍ଚାୟତରୁ ସୁନାବେଢା ଗ୍ରା.ପଞ୍ଚାୟତକୁ ଯଦି ରାସ୍ତା ସଂଯୋଗ କରାଯାଇପାରନ୍ତା ତେବେ ସେହି ଅଞ୍ଚଳର 7/8 ଗୋଟି ପଞ୍ଚାୟତର ସୁବିଧା ସହିତ ସୁନାବେଢାବାସୀ ମଧ୍ୟ ଉପକୃତ ହୁଅନ୍ତେ, ଉକ୍ତ ବିଷୟରେ ଉଚିତ୍ ପଦକ୍ଷେପ ନେବେ କି ?

----

## ଭଦ୍ରକ ଜିଲ୍ଲାରେ ନିଯୁକ୍ତି

***305 ଶ୍ରୀ ସୀତାଂଶୁ ସେଖର ମହାପାତ୍ର (ଭଦ୍ରକ):**

**ସରକାରୀ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଭଦ୍ରକ ଜିଲ୍ଲାରେ ବର୍ତ୍ତମାନ କାର୍ଯ୍ୟରତ ଘରୋଇ ଉଦ୍ୟୋଗମାନଙ୍କ ମାଧ୍ୟମରେ ବିଗତ ଏକ ବର୍ଷ ମଧ୍ୟରେ କେତେ ଜଣଙ୍କୁ ନିଯୁକ୍ତି ମିଳିଛି ; ସେଥିରୁ କେତେଜଣ ସ୍ଥାନୀୟ ଓଡିଆ ଯୁବକ ଯୁବତୀ ଅଟନ୍ତି ; ସ୍ଥାନୀୟଙ୍କ ପାଇଁ ନିମ୍ନତମ ନିଯୁକ୍ତି ପ୍ରତିଶତ ସମ୍ବନ୍ଧୀୟ ସରକାରୀ ବ୍ୟବସ୍ଥା କଣ ରହିଛି ; (ଖ) ଭଦ୍ରକ ଜିଲ୍ଲାରେ କେଉଁ ସ୍ଥାନରେ ନୂତନ ଘରୋଇ/Small, Medium Scale ଉଦ୍ୟୋଗ ପାଇଁ ପ୍ରସ୍ତାବ ଗ୍ରହଣ ହୋଇଛି ; କେଉଁ ପ୍ରକଳ୍ପ ଅନୁମୋଦିତ, କେଉଁଗୁଡିକ କେବେ ଆରମ୍ଭ ହେବ ଏବଂ ସେଗୁଡିକ ସରକାରୀ ନିୟମାବଳୀ ଅନୁସାରେ କାର୍ଯ୍ୟାନୁଷ୍ଠିତ ହେଉଛି କି?

----

## ଦାଦନ ସମସ୍ୟାର ସ୍ଥାୟୀ ପ୍ରତିକାର

***306 ଶ୍ରୀ ପ୍ରସନ୍ନ ଆଚାର୍ଯ୍ୟ (ରେଢ଼ାଖୋଲ):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରୁ ପ୍ରତି ବର୍ଷ କେତେ ଜଣ ମହିଳା ଓ ପୁରୁଷ ଦାଦନ ଖଟିବା ପାଇଁ ରାଜ୍ୟ ବାହରକୁ ଯାଉଛନ୍ତି, ତାହାର ଜିଲ୍ଲା ୱାରୀ ବିବରଣୀ ଦେବେ କି, ଦାଦନ ଖଟିବାର କାରଣ ସବୁ କଣ କଣ ଏବଂ ଏହାର ସ୍ଥାୟୀ ପ୍ରତିକାର ପାଇଁ କି କି ପଦକ୍ଷେପ ଗ୍ରହଣ କରିଛନ୍ତି ?

----

## ବୃହତ ପାଇପ ଯୋଗେ ପାନୀୟଜଳ ଯୋଗାଣ

***307 ଶ୍ରୀ ବଦ୍ରି ନାରାୟଣ ପାତ୍ର (ଘସିପୁରା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସମଗ୍ର ରାଜ୍ୟରେ କେତେ ବୃହତ (ପାଇପ ଯୋଗେ) ପାନୀୟ ଜଳ ଯୋଗାଣ ପ୍ରକଳ୍ପ କାମ ଚାଲିଛି; କେଉଁଝର ଜିଲ୍ଲାରେ ଏ ପ୍ରକଳ୍ପ ଗୁଡିକ କେଉଁ କେଉଁ ସଂସ୍ଥା କେତେ ଅଟକଳରେ ଏ କାମ ଠିକା ନେଇଛନ୍ତି; ସେଥି ମଧ୍ୟରୁ ଘଷିପୁରା, ଘଟଗାଁ ଏବଂ ଆନନ୍ଦପୁର ବ୍ଲକକୁ ପାଇପ ଯୋଗେ ପାନୀୟ ଜଳ ଯୋଗାଣର ଅଗ୍ରଗତି କ'ଣ ?

----

## Dumping Yard ର ଆବର୍ଜନାକୁ Recycle କରିବା

***308 ଶ୍ରୀ ସୁନିଲ କୁମାର ମହାନ୍ତି (ପୁରୀ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ପୁରୀ ସହରର ସଫେଇ ଓ ସ୍ୱଚ୍ଛତା ବଜେଇ ରଖିବା ପାଇଁ ପୁରୀ ମ୍ୟୁନିସିପାଲିଟି ଜରିଆରେ କେଉଁ କେଉଁ Agency କେଉଁ କେଉଁ କାର୍ଯ୍ୟପାଇଁ ଅଛନ୍ତି, ତାଙ୍କ କାର୍ଯ୍ୟକାଳ କେତେ ବର୍ଷ ପାଇଁ ଅଛି, କେତେ ଆର୍ଥିକ ଅନୁଦାନରେ ଚୁକ୍ତି ହୋଇଛି ଏବଂ ଉକ୍ତ Agency ମାନେ ଉଠାଉଥିବା ଆବର୍ଜନାକୁ କେତେ ପ୍ରକାର ଭାଗରେ ବିଭକ୍ତ କରିଛନ୍ତି ; କେଉଁ କେଉଁ ଆବର୍ଜନା କେଉଁ କେଉଁ ସ୍ଥାନରେ Dumping କରାଯାଉଛି ଓ ଉକ୍ତ Dumping Yard ରୁ ଆବର୍ଜନାକୁ କେଉଁ କେଉଁ ପ୍ରକାରେ Recycle କରାଯାଉଛି ?

----

## ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଇନ ଉଲଙ୍ଘନକାରୀଙ୍କ ବିରୋଦ୍ଧରେ କାର୍ଯ୍ୟାନୁଷ୍ଠାନ

***309 ଶ୍ରୀ ସୁଦର୍ଶନ ହରିପାଲ (ରେଙ୍ଗାଲି):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରେଙ୍ଗାଲୀ ନିର୍ବାଚନ ମଣ୍ଡଳୀ ରେଙ୍ଗାଲୀ କଳ କାରଖାନା ଓ ଖଣି ଖାଦନ ଅଧ୍ୟୁଷିତ, ତେଣୁ ପ୍ରଦୂଷଣ ସମସ୍ୟା ମଧ୍ୟ ଏହି ଅଞ୍ଚଳର ଜନଜୀବନକୁ ବ୍ୟାପକ ଭାବେ ପ୍ରଭାବିତ କରିଛି । ଅଜଣା ରୋଗରେ ଉକ୍ତ ନିର୍ବାଚନ ମଣ୍ଡଳୀର ଜନସାଧାରଣ ଆକ୍ରାନ୍ତ ହେଉଛନ୍ତି । ଜଳ, ବାୟୁ, ଆକାଶ ବ୍ୟାପକ ଭାବେ ପ୍ରଦୂଷିତ । ବିଭିନ୍ନ କଳକାରଖାନା ଓ ଖଣି ଖାଦନ ସରକାର ଆସିବା ପରେ ପ୍ରଦୂଷଣ ଆଇନକୁ ଖୋଲାଖୋଲି ଅବମାନନା କରୁଛନ୍ତି । ରେଙ୍ଗାଲୀ- ଝାରସୁଗୁଡା ଶିଳ୍ପ କରିଡରରେ ଏୟାର କ୍ୱାଲିଟି ଇଣ୍ଡେକ୍ସ (AQI) ବାୟୁ ଗୁଣମାନ ପରିମାଣ କେତେ ତାହା ନିୟମିତ ଅନ୍ତରରେ ବିଭାଗ ଆକଳନ କରୁଛି କି?

----

## DLEC କମିଟିରେ ମଞ୍ଜୁର R.D. ରାସ୍ତା

***310 ଡ଼ଃ ରମାକାନ୍ତ ଭୋଇ (ତିର୍ତ୍ତୋଲ):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଜଗତସିଂହପୁର ଜିଲ୍ଲାପାଳଙ୍କ ଦ୍ୱାରା DLEC କମିଟିରେ ମଞ୍ଜୁର ହୋଇଥିବା R.D. ରାସ୍ତା ପାଇଁ କି କି ପଦକ୍ଷେପ ନିଆଯାଇଅଛି ?

----

## 1 % ସେସ୍ ହିସାବରେ ଅର୍ଥ ଆଦାୟ

***311 ଶ୍ରୀ ଦୁର୍ଗା ଚରଣ ତନ୍ତୀ (ରଘୁନାଥପଲ୍ଲୀ):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- Buildings & OCW Welfare Act. 1996 ଧାରା 3(2) ଓ 3(3) ଅନୁଯାୟୀ ସ୍ଥାନୀୟ ଅଧିକାରୀ ନିର୍ମାଣ କାର୍ଯ୍ୟ କରୁଥିବା ଅନୁଷ୍ଠାନ ଓ ବ୍ୟକ୍ତି ବିଶେଷଙ୍କ ଠାରୁ 1% ସେସ୍ ଆଦାୟ କରି ଏହାକୁ B & OCW Welfare Board ରେ ଦାଖଲ କରିବାର ପ୍ରାବଧାନ ବିଷୟରେ ସରକାର ଅବଗତ ଅଛନ୍ତି କି, ଯଦି 'ହଁ' ତେବେ ବିଗତ 5 (ପାଞ୍ଚ) ବର୍ଷ ମଧ୍ୟରେ ଗୃହ ଓ ନଗର ଉନ୍ନୟନ ବିଭାଗ ଅଧିନରେ ଥିବା ସମସ୍ତ ସଂସ୍ଥା ଯଥା BDA, CDA, PKDA Municipality Corporation, Municipality ଓ NAC ଗୁଡିକରେ କେତେ ପରିଶ୍ରାଗାରର ନିର୍ମାଣ କାର୍ଯ୍ୟ କରିଛନ୍ତି, ଉକ୍ତ କାର୍ଯ୍ୟର 1% ସେସ୍ ହିସାବରେ କେତେ ଅର୍ଥ ଆଦାୟ କରାଯାଇ ଏହା କେଉଁଠାରେ ଦାଖଲ କରିଛନ୍ତି, ଉକ୍ତ ସଂସ୍ଥାର ନାମ ଓ ବର୍ଷୱାରୀ ତାଲିକା ପ୍ରଦାନ କରିବେ କି ?

----

## ବିଭିନ୍ନ Schemeରେ ହୋଇଥିବା କାର୍ଯ୍ୟ

***312 ଶ୍ରୀ ନଳିନୀ କାନ୍ତ ପ୍ରଧାନ (ଆଠମଲ୍ଲିକ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୩ଟି ବ୍ଲକରେ ବିଗତ ୩ବର୍ଷରେ କେଉଁ କେଉଁ Scheme କେଉଁ କେଉଁ Office ମାଧ୍ୟମରେ କାର୍ଯ୍ୟ କରାଯାଇଛି ଏବଂ ସେହି କାର୍ଯ୍ୟଗୁଡିକ ସମ୍ପୂର୍ଣ୍ଣ ନହେବାର କାରମ କଣ ଏହାର ଏକ ବିସ୍ତୃତ ବିବରଣୀ ପ୍ରଦାନ କରିବେ କି, (ଖ) ବିଗତ ୨ ବର୍ଷଧରି ବିନା କାର୍ଯ୍ୟରେ (୦%) ରେ କାର୍ଯ୍ୟରେ ଦାୟିତ୍ୱରେ ଥିବା J.E. / AEE ମାନଙ୍କ ନାମ ଏବଂ ସେମାନଙ୍କ ଉପରେ କି କାର୍ଯ୍ୟାନୁଷ୍ଠାନ ନିଆଯାଇଛି ?

----

## କବିସୂର୍ଯ୍ୟନଗର N.A.C ରେ ଟାଉନହଲ୍ ପ୍ରତିଷ୍ଠା

***313 ଶ୍ରୀ ପ୍ରତାପ ଚନ୍ଦ୍ର ନାୟକ (କବିସୂର୍ଯ୍ୟ ନଗର):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କବିସୂର୍ଯ୍ୟନଗର N.A.C ରେ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି କିନ୍ତୁ ଏଠାରେ ଟାଉନହଲ୍ ନଥିବାରୁ ବହୁ ଅସୁବିଧା ହେଉଛି ; ଏଠାରେ ଏକ ଟାଉନହଲ୍ ପ୍ରତିଷ୍ଠା ପାଇଁ ବ୍ୟବସ୍ଥା କରିବେ କି?

----

## ବାୟୁ ପ୍ରଦୂଷଣ ପ୍ରତିକାର ପାଇଁ ପଦକ୍ଷେପ

***314 ଶ୍ରୀ ପ୍ରଦୀପ କୁମାର ଦିଶାରୀ (ଲାଞ୍ଜିଗଡ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ରାଜ୍ୟର ବିଭିନ୍ନ ନଦୀ ଓ କେନାଲକୁ ପ୍ରଦୂଷଣମୁକ୍ତ କରିବାକୁ ସରକାର କଣ ସବୁ ପଦକ୍ଷେପ ଗ୍ରହଣ କରାଯାଉଛି ଏବଂ ଏହା କେବେସୁଦ୍ଧା ପ୍ରଦୂଷଣମୁକ୍ତ ହେବ, (ଖ) ରାଜ୍ୟରେ ବାୟୁ ପ୍ରଦୂଷଣର ପ୍ରତିକାର ପାଇଁ କି କି ପଦକ୍ଷେପ ନିଆଯାଇଛି, ଭୁବନେଶ୍ୱର ସହରର ବାୟୁରମାନ କେତେ ଓ କେଉଁ ସ୍ଥାନରେ ପରୀକ୍ଷା କରାଯାଇଛି?

----

## ଖାଲିଥିବା SDO ଓ JE ପଦବୀ ପୂରଣ

***315 ଶ୍ରୀ ଯୋଗେଶ କୁମାର ସିଂହ (ସୁନ୍ଦରଗଡ):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସୁନ୍ଦରଗଡ଼ ଜିଲ୍ଲା ଅନ୍ତର୍ଗତ ସୁନ୍ଦରଗଡ଼ ନିର୍ବାଚନ ମଣ୍ଡଳୀ ଗ୍ରାମ ଉନ୍ନୟନ ବିଭାଗ ଅଧିନରେ SDO ଓ JE ଙ୍କ ପଦବୀ ସଂଖ୍ୟା କେତେ ଏବେଂ ବର୍ତ୍ତମାନ ଏଠାରେ କେତେଜଣ କାର୍ଯ୍ୟରତ ଅଛନ୍ତି ତାହାର ଏକ ତାଲିକା ପ୍ରଦାନ କରିବା ସହିତ ଏଠାରେ JE ମାନଙ୍କର ଅଭାବ ରହିଥିବା ଓ ସେଥିପାଇଁ ଉନ୍ନତିମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିବା କଥା ସରକାର ଜାଣନ୍ତି କି ; ତେବେ ଉକ୍ତ ଖାଲିଥିବା ପଦବୀ ଗୁଡ଼ିକ ପୂରଣ କରିବା ପାଇଁ ସରକାର କେତେ ଶୀଘ୍ର ପଦକ୍ଷେପ ନେବେ ?

----

## ଶ୍ରମ କାର୍ଯ୍ୟାଳୟରେ ପଞ୍ଜିକୃତ ସଂଖ୍ୟା

***316 ଡ଼ଃ ଅରୁଣ କୁମାର ସାହୁ (ନୟାଗଡ଼):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟଶ୍ରମ କାର୍ଯ୍ୟାଳୟରେ କେତେ ବେସରକାରୀ ସଂସ୍ଥା ସରକାରୀ ବିଭାଗରେ ଲୋକ ଯୋଗେଇବା ପାଇଁ ପଞ୍ଜିକୃତ କରିଛନ୍ତି ଓ ସଂସ୍ଥାମାନେ ତାଙ୍କର ବାର୍ଷିକ ତଥ୍ୟ ଦେଇଛନ୍ତି କି; ସଂସ୍ଥାୱାରୀ ନାମ ଓ ଠିକଣା ସହିତ କେଉଁ କେଉଁ ବିଭାଗ ଓ କେଉଁ କେଉଁ ଜିଲ୍ଲା କାର୍ଯ୍ୟାଳୟମାନଙ୍କରେ କେତେ ନିଯୁକ୍ତି ଦେଇଛନ୍ତି; ପଞ୍ଜିକରଣ କିମ୍ବା ବାର୍ଷିକ ତଥ୍ୟ ନଦେଉଥିବା ସଂସ୍ଥାକୁ କଣ ଦଣ୍ଡ ଦିଆଯାଇଛି, ESI-EPF କଭରେଜ୍ କରୁଛନ୍ତି କି ନାହିଁ ସଂସ୍ଥାମାନେ ନିଯୁକ୍ତି ଦେଉଥିବା ପିଲାମାନଙ୍କର ଏମ୍ପ୍ଲମେଣ୍ଟ ଏକ୍ସଚେଞ୍ଜରେ ପଞ୍ଜିକରଣ କରିଛନ୍ତି କି ?

----

## ଖାଲିଥିବା ପଦବୀ ପୂରଣ

***317 ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟ ସରକାରଙ୍କ ପଂଚାୟତରାଜ ବିଭାଗରେ ସିମୁଳିଆ ନିର୍ବାଚନମଣ୍ଡଳୀର ଦୁଇଗୋଟି ବ୍ଲକରେ କେଉଁ କେଉଁ ବର୍ଗରେ କେତୋଟି ପଦବୀ ଖାଲିଅଛି, ଏହାଫଳରେ ଦୁଇଟି ବ୍ଲକର କୌଣସି ଉନ୍ନତିମୂଳକ କାର୍ଯ୍ୟ ହୋଇପାରୁନାହିଁ, ବିଶେଷ କରି ସିମୁଳିଆ ବ୍ଲକରେ ଆଜିକୁ ଦିର୍ଘ ଦିନ ହେବ ବି.ଡି.ଓ. ଓଆବଶ୍ୟକୀୟ ଜେ.ଇ. ନଥିବା ସରକାର ଅବଗତ ଅଛନ୍ତି କି, ଯଦି ହଁ ହୁଏ କେବେସୁଦ୍ଧା ସରକାର ପଦବୀ ପୂରଣ କରିବେ?

----

## Amount sanctioned & spent by CDA

***318 Smt. Sofia Firdous (Barabati-Cuttack):**

Will the Minister for **Housing & Urban Development** be pleased to state that:- (a) The total amount sanctioned and spent by the Cuttack Development Authority (CDA) for installation of new billboards; (b) The list of firms awarded the work and the tendering process followed, including the number of bidders who participated; & The per-unit cost of each billboard and the total electricity expenditure incurred so far; and The present operational status of all installed billboards along with their location details within the CDA area?

----

## ଲଣ୍ଡା ପାହାଡ ଗୁଡିକରେ ବନୀକରଣ

***319 ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କୋରାପୁଟ ଜିଲ୍ଲାରେ ଥିବା ସମସ୍ତ ଲଣ୍ଡା ପାହାଡ଼ ଗୁଡିକ ବନୀକରଣ ଯୋଜନାରେ ଅନ୍ତର୍ଭୁକ୍ତ କରାଇ ଯଥାଶୀଘ୍ର ବୃକ୍ଷରୋପଣ କାର୍ଯ୍ୟକ୍ରମ କରାଯିବା ପାଇଁ ସରକାର ବିଚାର କରିବେ କି, ଯଦି ହଁ, ତେବେ ଏହା କେବେ ସୁଦ୍ଧା କାର୍ଯ୍ୟକାରୀ କରାଯିବ ?

----

## ରାସ୍ତା ମରାମତି ଅଭାବରୁ ଗମନା ଗମନ ବାଧାପ୍ରାପ୍ତ

*320 **ଶ୍ରୀ ଅଭିମନ୍ୟୁ ସେଠୀ (ଆନନ୍ଦପୁର):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ ଅନ୍ତର୍ଗତ ମୈଉଦା ଠାରୁ ଅଢାଳପଙ୍କ ପର୍ଯ୍ୟନ୍ତ ଥିବା ରାସ୍ତାଟିରେ ୨ ଟି ଜିଲ୍ଲାର ପାଞ୍ଚଟି ପଞ୍ଚାୟତର ୩୦ ରୁ ଉର୍ଦ୍ଧ୍ୱ ଗ୍ରାମର ତଥା କୋଡିଏ ହଜାରରୁ ଉର୍ଦ୍ଧ୍ୱ ଜନସାଧାରଣ ନିର୍ଭର କରୁଥିବା ସରକାର ଜାଣନ୍ତି କି, ସ୍କୁଲ, କଲେଜ ଠାରୁ ଆରମ୍ଭ କରି ମେଡିକାଲ ଯିବା ନିମନ୍ତେ ଏହି ରାସ୍ତାଟି ଉପରେ ଲୋକମାନେ ନିର୍ଭର କରନ୍ତି ରାସ୍ତାଟି ଦୀର୍ଘଦିନ ହେବ ମରାମତି ଅଭାବରୁ ବର୍ତ୍ତମାନ ଗମନା ଗମନ ଅନୁପଯୁକ୍ତ ସାଧାରଣ ଲୋକଙ୍କ ପାଇଁ ଏହା ଏକ ଯମ ଯନ୍ତ୍ରଣା ପାଲଟିଛି ସୁତରାଂ ଏ ରାସ୍ତାର ପୁନଃରୁଦ୍ଧାର ପାଇଁ ସରକାର ଏନେଇ ଅର୍ଥ ବ୍ୟବସ୍ଥା କରିବେ କି ?

----

## ଶିଶୁ ଚାଲାଣ ରୋକିବା

*321 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟ ସରକାର ରାଜ୍ୟରୁ ସମ୍ପୂର୍ଣ୍ଣ ଭାବେ ଶିଶୁ ଶ୍ରମିକ ବନ୍ଦ କରିବା ପାଇଁ ଓ ଶିଶୁ ଶ୍ରମିକ ମାନଙ୍କୁ ରଖି ଖଟାଉଥିବା ବିଭିନ୍ନ ସଂସ୍ଥା, ପ୍ରଭାବଶାଳୀ, କ୍ଷମତାଶାଳୀ ଲୋକମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବା ପାଇଁ କି ପଦକ୍ଷେପ ଗ୍ରହଣ କରୁଛନ୍ତି; ଦାରିଦ୍ର୍ୟରୁ ମୁକ୍ତି ପାଇଁ ଶିଶୁମାନେ ପାଠ ପଢା ଛାଡ଼ି ଶ୍ରମ ବିକ୍ରି କରି ଚଳୁଥିବାରୁ ଓ ସେମାନଙ୍କ ପରିବାର ଦାରିଦ୍ର୍ୟତା ଭିତରେ ସଢୁଥିବାରୁ ଗରୀବ ଶିଶୁମାନଙ୍କୁ ପାଠ ପଢ଼ିବା ପାଇଁ ଆର୍ଥିକ ସୁବିଧା ଯୋଗାଇଦେବେ କି ?

----

## P.L. Account ରେ ଥିବା ଅର୍ଥ

*322 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଓଡ଼ିଶାରେ ରାଜ୍ୟର ଗ୍ରାମ ପଞ୍ଚାୟତ ଗୁଡିକୁ ଗତ ଆଥିକ ବର୍ଷରେ ଓ ଚଳିତ ଆର୍ଥିକ ବର୍ଷରେ କେଉଁ କେଉଁ ବାବଦରେ କେତେ ସରକାର ଅର୍ଥ ଦିଆଯାଇଛି ଓ ସେସବୁ ସେମାନଙ୍କର ଆବଶ୍ୟକତା ପୂରଣ ଲାଗି ଯଥେଷ୍ଟ ନା ପଞ୍ଚାୟତ ଗୁଡିକ ଅଧିକ ସମ୍ବଳ ଚାହୁଁଛନ୍ତି ଏବଂ ଯଦି ଅର୍ଥର ଆବଶ୍ୟକତା ଅଧିକ ରହୁଛି ତା'ର ପରିମାଣ କେତେ ଏବଂ ସେ ଆବଶ୍ୟକତା ପୂରଣ ଲାଗି ସରକାର କି ପଦକ୍ଷେପ ନେଉଛନ୍ତି; ଗତ ବର୍ଷ ଓ ଏ ବର୍ଷ ଏଯାଏଁ ଖର୍ଚ୍ଚ ନହୋଇ ବ୍ଲକ ଓ ଗ୍ରାମ ପଞ୍ଚାୟତ ଗୁଡିକ ପାଖରେ କେତେ ଅର୍ଥ ଅଛି ଏବଂ P.L. Account ରେ କେତେ ଅର୍ଥ ରହିଛି ?

----

## ଦଶପଲ୍ଲା ବିଜ୍ଞାପିତ ଅଞ୍ଚଳ ରାସ୍ତା ନିର୍ମାଣ

*323 **ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବିଜ୍ଞାପିତ ଅଞ୍ଚଳ ପରିଷଦ, ଦଶପଲ୍ଲାର ୭ ଗୋଟି ୱାର୍ଡକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ଅନେକ ସ୍ଥାନରେ ମରଣ ଜନ୍ତା ପାଲଟି ଥିବାରୁ ଦୈନନ୍ଦିନ ଯାତାୟତରେ ଛାତ୍ର ଛାତ୍ରୀ ଓ ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ସରକାରଙ୍କ ଦୃଷ୍ଟି ଗୋଚର ହୋଇଛି କି, ଉତ୍ତର ହଁ ହେଲେ ସମ୍ପୃକ୍ତ ରାସ୍ତାର ନିର୍ମାଣ ପାଇଁ କି ପଦକ୍ଷେପ ନିଆଯାଉଛି ?

----

## Money Spent in Last 2 Year from Forest Deptt.

***324 ଶ୍ରୀ ରଘୁନାଥ ଜଗଦଲା (ବୀରମହାରାଜପୁର):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- That how much money has been spent in last 2 years from Forest Deptt. in Birmaharajpur Constituency scheme-wise, how much money on road side plantation, can govt. provide data block-wise ?

----

## R.D. ଡିଭିଜନ୍ କାର୍ଯ୍ୟାଳୟ ସ୍ଥାନାନ୍ତର

***325 ଡା. ଫକୀର ମୋହନ ନାଏକ (ତେଲକୋଇ):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ତେଲକୋଇ ନିର୍ବାଚନ ମଣ୍ଡଳୀ ଅଧିନସ୍ଥ ହରିଚନ୍ଦନପୁର ବ୍ଲକ R.D. ଡିଭିଜନ୍ କାର୍ଯ୍ୟାଳୟ ବର୍ତ୍ତମାନ ଘସିପୁରା ନିର୍ବାଚନ ମଣ୍ଡଳୀ ଠାରେ ଅବସ୍ଥିତ ଥିବାରୁ ଜନସାଧାରଣ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ତାହାକୁ ତେଲକୋଇ ନିର୍ବାଚନ ମଣ୍ଡଳୀକୁ ସ୍ଥାନାନ୍ତରିତ କରିବାକୁ ସରକାରଙ୍କୁ ପତ୍ର ସଂଖ୍ୟା 375/2025-26 ରିଖ ତା.05.04.2025 ରେ ଅବଗତ କରାଯାଇଥିଲା କି, ଏହା କେବେସୁଦ୍ଧା ସ୍ଥାନାନ୍ତରିତ ହେବ ?

----

## ପଞ୍ଜିକୃତ ହୋଇଥିବା ନିର୍ମାଣ ଶ୍ରମିକ

***326 ଶ୍ରୀ ସତ୍ୟଜିତ୍ ଗମାଙ୍ଗ (ଗୁଣୁପୁର):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାୟଗଡା ଜିଲ୍ଲାରେ ପଂଚାୟତ ୱାରୀ 2023-24 ଆର୍ଥିକ ବର୍ଷରେ କେତେ ଜଣ ନିର୍ମାଣ ଶ୍ରମିକ ପଞ୍ଜିକରଣ କରିଛନ୍ତି ଏବଂ 2024-25 ବର୍ଷ ରେ ସେମାନଙ୍କ renewal ସଂଖ୍ୟା କେତେ ?

----

## ନିର୍ମାଣାଧିନ ପ୍ରକଳ୍ପ କାର୍ଯ୍ୟ ଶେଷ କରି ବିଶୁଦ୍ଧ ପାଣି ଯୋଗାଇବା

***327 ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଜଟଣୀ ବ୍ଲକ, ଭୁବନେଶ୍ୱର ବ୍ଲକ ଓ ଖୋର୍ଦ୍ଧା ବ୍ଲକ ଅଧୀନରେ ଥିବା ମୋଟ ଗ୍ରାମମାନଙ୍କ ମଧ୍ୟରୁ କେତୋଟି ଗ୍ରାମକୁ ପାଇପ ଜଳଯୋଗାଣ ପୂର୍ଣ୍ଣାଙ୍ଗ ହୋଇଛି, ନିର୍ମାଣଧୀନ ଅଛି ପ୍ରକାଶ କରି ସମସ୍ତ ପ୍ରକଳ୍ପକୁ ପୂର୍ଣ୍ଣାଙ୍ଗ କରି ଗ୍ରାମସହିତ ପଡ଼ାଗ୍ରାମ ଓ ସାହିବସ୍ତି ମାନଙ୍କୁ ଜଳଯୋଗାଣ ପୂର୍ଣ୍ଣାଙ୍ଗ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ଛତ୍ରପୁର BDA ମାର୍କେଟ କମ୍ପ୍ଲେକ୍ସ କାର୍ଯ୍ୟକ୍ଷମ

***୩୨୮ ଶ୍ରୀ କୃଷ୍ଣ ଚନ୍ଦ୍ର ନାୟକ (ଛତ୍ରପୁର ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ନୂତନ ନିର୍ମିତ ଛତ୍ରପୁର BDA ମାର୍କେଟ କମ୍ପ୍ଲେକ୍ସ ଆଜି ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ କାହିଁକି ହୋଇପାରୁନାହିଁ, ଏଥିପାଇଁ BDA ପକ୍ଷରୁ ବାଧା ଏବଂ ଅବହେଳା ହୋଇଛି, ୭୭ଟି ଦୋକାନ ଘର ମଧ୍ୟରୁ ୪୪ଟି ଦୋକାନ ପାଇଁ ବ୍ୟବସାୟୀଙ୍କ ଠାରୁ ୨କୋଟି ଟଙ୍କାରୁ ଅଧିକ ଅର୍ଥ ଗ୍ରହଣ କରାଯାଇଥିବା ସତ୍ତ୍ୱେ, କାହିଁକି ସେମାନଙ୍କର ନାଁରେ ପଞ୍ଜିକରଣ କରାଯାଇନାହିଁ?

----

## ଉଜୁଡା ଜଙ୍ଗଲର ପୁନଃରୁଦ୍ଧାର

***୩୨୯ ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଜଙ୍ଗଲ ସମ୍ପଦର ଅଭିବୃଦ୍ଧି ଓ ସୁରକ୍ଷା ପାଇଁ ବଡ଼ଚଣା ବ୍ଲକରେ କେଉଁ କାର୍ଯ୍ୟକ୍ରମ ସରକାର ଚାଲୁ ରଖିଛନ୍ତି, ଉଜୁଡା ଜଙ୍ଗଲର ପୁନଃରୁଦ୍ଧାର, କୃତ୍ରିମ ଜଙ୍ଗଲ, ସହରାଞ୍ଚଳ ବନୀକରଣ, ପଥପାର୍ଶ୍ୱ ବନୀକରଣ ମାଧ୍ୟମରେ କେତେ ବୃକ୍ଷ ଚଳିତ ବର୍ଷ ଲଗାଯାଇଛି, ଏକ ପେଡ୍ ମା କେ ନାମରେ କେତେ ଗଛ କେଉଁ କେଉଁ ଅନୁଷ୍ଠାନ ମାଧ୍ୟମରେ ବଡ଼ଚଣା ବ୍ଲକର କେଉଁ ସ୍ଥାନମାନଙ୍କରେ ଲାଗିଛି ?

----

## PMGSY ଦ୍ୱାରା ଅନୁମୋଦିତ ରାସ୍ତା କାର୍ଯ୍ୟ ଆରମ୍ଭ

***330 ଶ୍ରୀ ଉମା ଚରଣ ମଲ୍ଲିକ (ଫୁଲବାଣୀ):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- PMGSY-IVରେ ଅନୁମୋଦିତ ହୋଇଥିବା ରାସ୍ତା ଗୁଡିକର ନିର୍ମାଣ କାର୍ଯ୍ୟ କେବେ ସୁଧା ଆରମ୍ଭ ହେବ ଏବଂ କେବେ ସୁଦ୍ଧା ଶେଷ ହେବ ?

----